Krantidhara

# ହାଇବ୍ରିଡ ମୋଡ଼ରେ ଆଇଆଇଟି ଭୁବନେଶ୍ୱର ଦଶମ ଦୀକ୍ଷାନ୍ତ ସମାରୋହ ପାଳିତ



ଜଟଣୀ - (୧୮.୧୦) - ଜଟଣୀସ୍ଥ ଆଇଆଇଟି ଭୁବନେଶ୍ୱରରେ ଗୁରୁବାର କୋଭିଡ ନିୟମ ମୁତାବକ ପାଳିତ ହୋଇଯାଇଛି ଚଳିତ ବର୍ଷର ଦଶମ ଦୀକ୍ଷାନ୍ତ ସମାରୋହ। ଏହି କାର୍ଯ୍ୟକ୍ରମରେ ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟଅତିଥି ଭାବେ ଇନଫୋସିସର ପ୍ରତିଷ୍ଠାନ ଏନ୍ ଆର୍ ନାରାୟଣ ମୂର୍ତ୍ତୀ ଉଦବୋଧନ ରେ ସମସ୍ତ ସ୍ନାତକ ଉପାଧି ଧାରୀ ଛାତ୍ର ଛାତ୍ରୀ ଏବଂ ସେମାନଙ୍କ ପରିବାର ବର୍ଗଙ୍କୁ ବଧାଇ ଜଣାଇବା ସହିତ ଶିକ୍ଷା କ୍ଷେତ୍ରରେ କଠିନ ପରିଶ୍ରମ କଲେ ସ୍ୱପ୍ନ ନିଶ୍ଚିତ ସାକାର ହେବ ବୋଲି କହିଥିଲେ। ଏଥି ସହିତ ସମ୍ମାନିତ ଅତିଥି ଭାବେ ଆଇଆଇଟିର ବୋର୍ଡ ଅଫ୍ ଗଭର୍ଣ୍ଣର ର ଅଧ୍ୟକ୍ଷ ଡ. ରାଜେନ୍ଦ୍ର ପ୍ରସାଦ ସିଂ ଯୋଗଦେଇଥିଲେ। ସେହିଭଳି ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ରନ୍ଦମ ଭି ରାଜକୁମାର ସମସ୍ତ ଛାତ୍ରଛାତ୍ରୀଙ୍କୁ ଉତ୍କୃଷ୍ଟ ସଫଳତା ପାଇଁ ବଧାଇ ଜଣାଇବା ସହିତ ଭବିଷ୍ୟତର ଶୁଭ କାମନା କରିଥିଲେ। ଏହି ଅବସରରେ ଆଇଆଇଟି ଏହି ସମାରୋହରେ ୫୫୯ ଜଣ ଡିଗ୍ରୀ ଧାରୀଙ୍କ ମଧ୍ୟରୁ ୩୫ ଜଣ ପିଏଚଡି, ୧୫୩ ଜଣ ଏମ୍ ଟେକ୍ ୭୯ ଜଣ ଏମଏସସି, ୨୫୬ ଜଣ ବିଟେକ୍ ଏବଂ ୩୬ ଜଣ ଡୁଆଲ ଡିଗ୍ରୀ ଧାରୀ ଛାତ୍ରଛାତ୍ରୀ ମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଆଧାରରେ ସର୍ବୋତମ ଏକାଡେମିକ ପ୍ରଦର୍ଶନ ପାଇଁ ବିଜ୍ଞାନ ଏବଂ ଇଞ୍ଜିନିୟରିଂ ବିଟେକ୍ କମ୍ପ୍ୟୁଟରରେ ଦୀନେଶ ମହାନ୍ତିଙ୍କୁ। ଭାରତର ରାଷ୍ଟ୍ରପତି ସ୍ୱର୍ଣ୍ଣ ପଦକ, ସମଗ୍ର ଆଉଟଗୋଇଙ୍ଗ୍ ଡୁଆଲ୍ ଡିଗ୍ରୀ ରେ ଶ୍ରେଷ୍ଠ ଏକାଡେମିକ ପ୍ରଦର୍ଶନ ପାଇଁ ଇଞ୍ଜିନିୟରିଂ ଏବଂ ମେକାନିକାଲ୍ ସିଷ୍ଟମ୍ ଡିଜାଇନ୍ ମେକାନିକାଲ୍ ର ଶିବମ୍ ହଣ୍ଡାଙ୍କୁ ନିର୍ଦ୍ଦେଶକଙ୍କ ସ୍ୱର୍ଣ୍ଣପଦକ, ବାୟୁମଣ୍ଡଳର ବିଜ୍ଞାନ ଏମଏସସି ବିଭାଗରେ ହିତେଶ ଗୁପ୍ତାଙ୍କୁ ସ୍ୱର୍ଣ୍ଣପଦକ, ବିଟେକ୍ ଛାତ୍ରମାନଙ୍କର ବ୍ୟାଚ୍ ନିଜ ଶାଖାରେ ସର୍ବୋତମ ଏକାଡେମିକ୍ ପ୍ରଦର୍ଶନ ପାଇଁ ଇନଷ୍ଟିଚ୍ୟୁଟ୍ ସିଲଭର ପଦକ ଦୀନେଶ ମହାନ୍ତି, ସୁଧାଂଶୁ ଚୌଧୁରୀ, କଳଦୀପ ଗୁପ୍ତା, ରଣଜିତ୍ କେ ଏବଂ ଶ୍ରୀ ଜିଷ୍ଣୁ ଶଙ୍କର ବାରୁଆ, ଶାଶ୍ୱତ କୁମାର ପଣ୍ଡା, ରୋହିତ ଦିଲୀପ ଅଗ୍ରୱାଲ, ସୁସ୍ମିତ ଶୁଭ୍ରାଂଶୁ ଶତପଥୀ, କୋନା ସାଇ ବିକାଶ, ସୋମ୍ୟଶ୍ରୀ ବିଶୋଇ, ଶିବାଙ୍ଗୀ ଶ୍ରୀବସ୍ତବ, ରାଜୀବ କୁମାର ମଲିକ୍, ହିତେଶ ଗୁପ୍ତା, ବିକାଶ ମିତ ସାମନ୍ତ, ଆଦିତ୍ୟ କୁମାର, ରୁକ୍ମଣୀ ଗୁପ୍ତା, ବିଭାବସୁ ପ୍ରଧାନ, ଏବଂ ଶ୍ରେଷ୍ଠ ପୁରୁଷ ପାଇଁ ଲଣ୍ଡୋମେଂଟ ପୁରସ୍କାର ବର୍ଗରେ ଡ.କେ କସ୍ତୁରୀ ରଙ୍ଗନ ସ୍ନାତକୋତର ଶ୍ରେଷ୍ଠ ପାଇଁ ଦୀନେଶ ମହାନ୍ତି, ପ୍ରଫେସର ପି ରାମା ରାଓ ପୁରସ୍କାର ଶ୍ରୀମତୀ ଅନେରୀ ମନୋଜ ଗାନ୍ଧୀଙ୍କୁ ଦୀନେଶ ମେମୋରିଆଲ୍ ପୁରସ୍କାର ଏବଂ ଶ୍ରେଷ୍ଠ ବିଟେକ୍ ମେକାନିକାଲ ସାଇନ୍ସର ଆକାଶ ବାଲାଚନ୍ଦ୍ରନ୍ ଏବଂ ତେଜସ୍ୱୀ ମେମୋରିଆଲ୍ ପୁରସ୍କାର ଅନେରୀ ମନୋଜ ଗାନ୍ଧୀଙ୍କୁ ବିଜ୍ଞାନ ପ୍ରଦାନ କରାଯାଇଥିଲା। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କୁଳପତି ଦେବରାଜ ରଥ, ଡିନ୍ ପ୍ରଭାସ୍ ରଞ୍ଜନ ସାହୁ, ପ୍ରମୂଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଜାତୀୟ ସଙ୍ଗୀତ ଗାନ ପରେ ଆଇଆଇଟି ଚେୟାରମ୍ୟାନ୍ ବୋର୍ଡ଼ ଅଫ୍ ଗଭର୍ଣ୍ଣର ଡ.ରାଜେନ୍ଦ୍ର ପ୍ରସାଦ ସିଂ ଉପସ୍ଥିତ ସମସ୍ତ ଛାତ୍ର ଛାତ୍ରୀ ବରିଷ୍ଠ ଅଧିକାରୀ, ଶିକ୍ଷା କର୍ତ୍ତା ଓ କର୍ମଚାରୀ ମାନଙ୍କ ଶୁଭ ମନାମିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଶାଳିନୀ ଶଶିଧରନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।